ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 16-01-2024

ଗଜପତି(ଓଡିଶା) - :2024-01-16 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-01-17 | 2024-01-18 | 2024-01-19 | 2024-01-20 | 2024-01-21 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 2.0 | 2.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.0 | 31.0 | 30.0 | 30.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 18.0 | 19.0 | 19.0 | 18.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 97 | 97 | 92 | 92 | 87 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 43 | 43 | 44 | 42 | 42 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 7 | 5 | 4 | 5 |
| ପବନର ଦିଗ (ଡିଗ୍ରୀ) | 198 | 201 | 205 | 169 | 180 |
| ମେଘାଚ୍ଛନ (ଅକ୍ଟା) | 4 | 4 | 6 | 6 | 0 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଗୁରୁବାର ଓ ଶୁକ୍ରବାର ଦିନ ଅତି ହାଲୁକା ବର୍ଷା ହୋଇପାରେ ଏବଂ ବୁଧବାର ଓ ଶନିବାର ଦିନ ପାଗ ଶୁଖିଲା ରହିବା ସହିତ ଆକାଶ ସ୍ୱଚ୍ଛ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୪.୦ ରୁ ୦୭.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦.୦° ସେଲସିୟସ ରୁ ୩୧.୦° ସେଲସିୟସ ଏବଂ ୧୮.୦° ସେଲସିୟସ ରୁ ୧୯.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୭ ରୁ ୯୭ ଶତକଡା ଏବଂ ୪୨ ରୁ ୪୪ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୧.୭° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୭.୬° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୦ ମିଲିମିଟର ବର୍ଷା ହୋଇଅଛି । ରାତିର ତାପମାତ୍ରା କମ୍ ରହୁଥିବାରୁ ତଳିଘରାରେ ଧାନ ତଳି ଭଲ ବଢିବା ପାଇଁ ଶୁଖିଲା ଖତକୁ ଗୁଣ୍ଡ କରି ପ୍ରୟୋଗ କରନ୍ତୁ, ଯଦ୍ୱାରା ତାପମାତ୍ରା ଅଧିକ ରହିବ ଓ ତଳି ଭଲଭାବରେ ବଢିବ । ଗେଣ୍ଡୁ ଏବଂ ଅମଳ ଉପଯୁକ୍ତ ପନିପରିବା ଯଥା କୋବି ଓ ଶାଗ ଅମଳ କରିଦିଅନ୍ତୁ । ରବି ଫସଲ ପାଇଁ ଖାଲ ଜମିରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ପନିପରିବା ଓ ଧାନ ତଳିଘରାକୁ ପଲିଥିନ୍ ଦ୍ୱାରା ଘୋଡାଇ ଦିଅନ୍ତୁ ଓ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ବିଳମ୍ବ ଶୀତ ଦିନିଆ ଟମାଟୋ ଫସଲ ପାଇଁ ତଳି ପକାଉଥିଲେ ତଳିଘରାର ତାପମାତ୍ରା ଅଧିକ ରଖିବା ପାଇଁ ବିହନ ଲଗାଇ ନଡା ଦ୍ୱାରା ଆଚ୍ଛାଦନ କରନ୍ତୁ କିମ୍ବା ପଲିଥିନ୍ ରେ ତଳି ଘରାକୁ ରାତି ସମୟରେ ଘୋଡାଇ ସକାଳୁ ବାହାର କରିଦିଅନ୍ତୁ । ବର୍ତ୍ତମାନ ପନିପରିବା ତଳି ରୋଉ ଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ । ତୈଳବୀଜ ଫସଲର ବୁଣାବୁଣି ପାଇଁ ତାପମାତ୍ରା ବଢିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ମହୁମାଛିମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକ କୁ ପ୍ରୟୋଗ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଡାଲୁଅ ଧାନ ତଳି ବର୍ତମାନ ୨ -୪ ସପ୍ତାହ ଅବସ୍ଥାରେ ଅଛି । ଡାଲୁଅ ଧାନ ତଳି ୪ ସପ୍ତାହ ଅବସ୍ଥାରେ ରୋଇବା ପାଇଁ ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ । ରୁଆ ଯାଇଥିବା ଧାନ ବର୍ତମାନ ଚେର ଲାଗିବାରୁ ଏକ ସପ୍ତାହ ଚାରା ଅବସ୍ଥାରେ ଅଛି । ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇବାକୁ ଯାଉଛନ୍ତି, ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫-କିଲୋଗ୍ରାମ ଡ଼ିଏପି, ୩୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ଜମି ହୋଇଥିଲେ ଏକର ପ୍ରତି ୩୫-କିଲୋଗ୍ରାମ ଡ଼ିଏପି, ୧୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଜମିରେ ଜିଙ୍କ ଅଣୁସାର ର ଅଭାବ ଦେଖା ଦେଉଥିଲେ ପ୍ରତି ୩ ବର୍ଷରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ଅଣୁସାର ୨୧ ଶତକଡା କୁ ଶେଷ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ । ୨୦ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେ.ମି ଏବଂ ଗଛ କୁ ଗଛ ୧୫ ସେ.ମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ ଟି ତଳି ଲଗାନ୍ତୁ । |
| ସୋରିଷ | ସୋରିଷ ଫସଲ ବର୍ତମାନ ଫୁଲ ଫୁଟିବା ଅବସ୍ଥାରେ ଅଛି । ବିଗତ ଦିନରେ ଜିଲ୍ଲା ରେ ହୋଇଥିବା ବର୍ଷା ଯୋଗୁଁ, ଅତ୍ୟଧିକ ଆର୍ଦ୍ରତା ଏବଂ କମ୍ ତାପମାତ୍ରା ହେତୁ ସୋରିଷ ଫସଲ ରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହା ସହ ଅତ୍ୟଧିକ ଆର୍ଦ୍ରତା ହେତୁ ଧଳା କଳଙ୍କି ରୋଗ ମଧ ଲାଗିପାରେ । ବର୍ଷା ଛାଡିଗଲା ପରେ ଏହି ରୋଗର ନିରାକରଣ ନିମନ୍ତେ ରାସାୟନିକ ଉପାୟରେ ୩.୫ ମିଲି ମେଟାଲାକ୍ସିଲ କିମ୍ବା ୨.୫ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ କୁ ପ୍ରତି ଲିଟର ପାଣି ରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ଲାଗିବାର ସମ୍ଭାବନା ରହିଛି । ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦-ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ଏବଂ ଚିତ୍ରିତ ବଗ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକିର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନକି ଉପାୟରେ ଜଉ ପୋକ ଏବଂ ଚିତ୍ରିତ ବଗ କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମହୁମାଛିମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକ କୁ ପ୍ରୟୋଗ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ମୁଖ୍ୟ ଜମିରେ ରୁଆ ଯାଇଥିବା ବିଲାତି ବାଇଗଣ ଫୁଲ ରୁ ଫଳ ହେବା (୬-୯ ସପ୍ତାହ) ଅବସ୍ଥାରେ ଅଛି । ବର୍ତ୍ତମାନ ସମୟରେ ବିଲାତି ବାଇଗଣ ଫସଲରେ ଧଳାମାଛି ଲାଗିବାର ସମ୍ଭାବନା ରହଛି । ଉଭୟ ଅର୍ଭକ ଓ ପୂର୍ଣାଙ୍ଗ ଅବସ୍ଥାରେ ଧଳା ମାଛି ମାନେ ପତ୍ର ରୁ ରସ ଶୋଷି ଖାଇବା ହେତୁ ଆକ୍ରାନ୍ତ ପତ୍ର ଗୁଡିକ ଉପର ଆଡକୁ ମୋଡି ହୋଇଯାଏ ଏବଂ ବିବର୍ଣ୍ଣ ପଡି ଏହାର ସଜୀବତା ହ୍ରାସ ପାଏ । ଧଳା ମାଛି ଭୂତାଣୁ ଜନତି ପତ୍ରମୋଡା ରୋଗର ବାହକ ଅଟେ । ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଜନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମଟୋ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବନ୍ଧାକୋବି | ମୁଖ୍ୟ ଜମିରେ ରୁଆ ଯାଇଥିବା ବନ୍ଧା କୋବି ୫ -୮ ସପ୍ତାହ ଅବସ୍ଥାରେ ଅଛି । ବନ୍ଧା କୋବି ଫସଲରେ ବର୍ତ୍ତମାନ ସମୟରେ ଠିକିରି ପିଠିଆ ପୋକ ଓ ବନ୍ଧା କୋବି ବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡକିର ପରିଚାଳନା ପାଇଁ ନିୟମିତ ଭାବରେ ଫସଲର ସର୍ବେକ୍ଷଣ କରି ଶୂକ ଓ ଅଣ୍ଡା ପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ କରିଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକିର ପରିଚାଳନା ପାଇଁଏକର ପ୍ରତି ୧- ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନକି ଉପାୟରେ ଏହି ପୋକ ଗୁଡକିର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | Tolfenpyrad ନାମକ କୀଟନାଶକ କିମ୍ବା ୨୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorfenapyr ନାମକ କୀଟନାଶକ କିମ୍ବା ୭୫-ମିଲି Spinosad ନାମକ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଫୁଲକୋବି | ମୁଖ୍ୟ ଜମିରେ ରୁଆ ଯାଇଥିବା ଫୁଲ କୋବି ୫ -୮ ସପ୍ତାହ ଅବସ୍ଥାରେ ଅଛି। ଫୁଲ କୋବି ଫସଲରେ ସାଧାରଣତଃ ବୋରନ ଅଣୁସାର ର ଅଭାବ ଦେଖାଦେଲେ କୋବି ଗଛ ର କାଣ୍ଡ, ପତ୍ର ଉପରେ ପାଣି ଭିଜା ହାଲୁକା ରୁ ଧୂସର ରଙ୍ଗର ଦାଗମାନ ଦେଖାଯାଏ । ଏହା ବ୍ୟତୀତ କାଣ୍ଡ ଫମ୍ପା ହୋଇଥାଏ । ଫୁଲ ଉପରେ ମଧ୍ୟ ଅନିୟମିତ ପାଣିଭିଜା ଦାଗମାନ ଦେଖାଯାଏ ଏବଂ ଫୁଲ କ୍ରମଶଃ ଧୂସର ବାଦାମୀ ରଙ୍ଗର ହୋଇଥାଏ । ଫୁଲ ଛୋଟ ହେବା ସହିତ ଏହାର ସ୍ୱାଦ ତିକ୍ତ ବା ପିତା ହୋଇଥାଏ । ତେଣୁ କୋବି ଫସଲରେ ବୋରନ ଅଣୁସାର ର ଅଭାବ ଜନିତ ଗଠନଗତ ସମସ୍ୟା ର ପରିଚାଳନା ପାଇଁ ଏକର ପ୍ରତି ୪-କିଲୋଗ୍ରାମ ବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରିନଥିଲେ ଚାରା ରୋପଣର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ Borax କିମ୍ବା ୧-୧.୫ ଗ୍ରାମ Folibor କିମ୍ବା Solubor ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗାଈଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକାକରଣ କରନ୍ତୁ । ଶୀତ ଋତୁ ରେ ଗାଈଗୋରୁ ମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ଘାସ ସାଇତି ରଖନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ହେବାର ସମ୍ଭାବନା ରହିଛି । ଏହି ରୋଗର ନିରାକରଣ ନିମନ୍ତେ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କୁ ୪୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ । ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଆଦି ପ୍ରୟୋଗ କରନ୍ତୁ ନାହିଁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ବର୍ତ୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ ରଖିବା ନିହାତି ଜରୁରୀ । ତେଣୁ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକ୍ଟ୍ରିକ୍ ବଲ୍ବ କିମ୍ବା ହିଟର ଲଗାନ୍ତୁ ଓ ପଲିଥିନ୍ କିମ୍ବା ଝୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |